# NATIONAL NEWS BULLETIN (ODIA)

## 05th September - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଶିକ୍ଷକ ଏବଂ ଅଭିଭାବକମାନେ ପିଲାଙ୍କୁ ମହିଳାଙ୍କ ସମ୍ମାନ ଅନୁଯାୟୀ ଆଚରଣ କରିବାକୁ ଶିକ୍ଷା ଦେବା ଉଚିତ, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଲକ୍ଷ୍ୟରେ ଭାରତ ଓ ସିଙ୍ଗାପୁର ମଧ୍ୟରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।
- ଜମ୍ମୁ-କାଶ୍ମୀର ଆଗାମୀ ବିଧାନସଭା ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରକାଶ ପାଇଲା ବିଜ୍ଞପ୍ତି ।
- ଇସ୍ତଫା ଦେଲେ ବାଂଲାଦେଶର ପାଞ୍ଚଜଣିଆ ନିର୍ବାଚନ କମିଶନ ।

ଏବଂ

- ପ୍ୟାରିସ ପାରା ଅଲିମ୍ପିକ୍ସ ୨୦୨୪ ପ୍ରତିଯୋଗିତାର T12 ୧୦୦ ମିଟର ମହିଳା ଦୌଡ଼ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟକୁ ସିମ୍ରନ୍ ଉନ୍ନୀତ ।

## ପ୍ରେଜ୍ - ଟିଚର୍ସ

ଜାତୀୟ ଶିକ୍ଷାନୀତିରେ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପ୍ରଦାନ ଅବସରରେ ରାଷ୍ଟ୍ରପତି କହିଛନ୍ତି, ଶିକ୍ଷକ ଏବଂ ଅଭିଭାବକମାନେ ପିଲାଙ୍କୁ ମହିଳାଙ୍କ ସମ୍ମାନ ଅନୁଯାୟୀ ଆଚରଣ କରିବାକୁ ଶିକ୍ଷା ଦେବା ଉଚିତ । ଗୁରୁଦିବସ ଅବସରରେ ସମାଜ ଗଠନରେ ଶିକ୍ଷକଙ୍କର ଭୂମିକାକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ, ନୂଆଦିଲ୍ଲୀରେ ଚଳିତ ବର୍ଷ ୮୨ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପ୍ରଦାନ କରାଯାଇଛି ।

## ପି.ଏମ୍.-ଟକ୍ ସିଙ୍ଗାପୁର

ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଲକ୍ଷ୍ୟରେ ଆଜି ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସ୍ୱାସ୍ଥ୍ୟ ଓ ଔଷଧ, ଶିକ୍ଷା ଓ ଦକ୍ଷତା ବିକାଶ, ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ କ୍ଷେତ୍ରପାଇଁ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ଭାରତର ଆକ୍ଟ ଇଷ୍ଟ ପଲିସି ଆଧାରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଅନ୍ୟମାର୍ଗ ଉନ୍ମୁକ୍ତ ପାଇଁ ମତ ଆଦାନ ପ୍ରଦାନ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ଓଙ୍ଗ୍'ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଛି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଉଭୟ ନେତା ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଭାରତରେ ସିଙ୍ଗାପୁରର ପୁଞ୍ଜିନିବେଶ ୧୬୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିଛି ବୋଲି ଶ୍ରୀ ମୋଦି କହିଛନ୍ତି । ତ୍ୱରିତ ତଥା ନିରନ୍ତର ବିକାଶ ପାଇଁ ପଥ ଉନ୍ମୁକ୍ତ କରିଥିବା ଭାରତରେ ଅଧିକ ପୁଞ୍ଜିନିବେଶ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ପ୍ରତିରକ୍ଷା, ନିରାପତ୍ତା, ସାମୁଦ୍ରିକ ପ୍ରସଙ୍ଗଜଡ଼ିତ ସଚେତନତା, ଶିକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ଫିନ୍‌ଟେକ୍, ନୂତନ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଓ ବୈଷୟିକ ଜ୍ଞାନର ଆଦାନ ପ୍ରଦାନ କ୍ଷେତ୍ରରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ସବୁଜ ବଳୟ କ୍ଷେତ୍ରକୁ ତ୍ୱରାନ୍ୱିତ କରିବାକୁ

ଦୁଇପକ୍ଷ ସହମତ ହୋଇଛନ୍ତି । ସେହିପରି ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ନେଇ ନେତା ପରସ୍ପର ସହ ମତ ବିନିମୟ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସିଙ୍ଗାପୁରରେ ସାଢ଼େ ୩ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କକୁ ଏହା ପ୍ରତିପାଦିତ କରୁଛି ବୋଲି କହିବା ସହ ଶ୍ରୀ ମୋଦି ସିଙ୍ଗାପୁରଠାରେ ଭାରତର ପ୍ରଥମ ତିରୁବାଲ୍ଲୁବର ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲଇ ଘୋଷଣା କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଆଜି ସେମିକଣ୍ଡକ୍ଟର କ୍ଷେତ୍ରରେ ସିଙ୍ଗାପୁରର ଅଗ୍ରଣୀ କମ୍ପାନୀ ଏ.ଇ.ଏମ୍. ପରିଦର୍ଶନ କରିଥିଲେ । ସିଙ୍ଗାପୁରସ୍ଥିତ ବିଭିନ୍ନ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଶ୍ରୀ ମୋଦି ବୈଠକରେ ଯୋଗଦେଇ ପୁଞ୍ଜିନିବେଶ, ଭିତ୍ତିଭୂମି ବିକାଶ, ଶକ୍ତି, ନିର୍ମାଣ ଆଦି କ୍ଷେତ୍ର ଉପରେ ଆଲୋଚନା କରିଥିଲେ ।

## ଆର୍.ଏସ୍. ମେମ୍ବର ଓଥ୍

ରାଜ୍ୟସଭାର କେତେକ ନବନିର୍ବାଚିତ ସଦସ୍ୟ ଆଜି ଶପଥ ଗ୍ରହଣ କରିଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼୍ ସେମାନଙ୍କୁ ଶପଥପାଠ କରାଇଛନ୍ତି । ଶପଥ ଗ୍ରହଣ କରିଥିବା ନବନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରବନୀତ୍ ସିଂହ ବିଟ୍ଟୁ, ବି.ଜେ.ପି.ର ମନନ୍

କୁମାର ମିଶ୍ର ଏବଂ ମମତା ମହାନ୍ତ, ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ଉପେନ୍ଦ୍ର କୁସ୍ୱାହା ଏବଂ ଏନ୍.ସି.ପି. ନେତା ନିତିନ୍ ଲକ୍ଷ୍ମଣରାଓ ଯାଦବ ଅନ୍ତର୍ଭୁକ୍ତ ।

## ଜମ୍ମୁ-କାଶ୍ମୀର - ଥାର୍ଡ୍ ଫେଜ୍ ନୋଟିଫିକେସନ୍

ଜମ୍ମୁ-କାଶ୍ମୀର ଆଗାମୀ ବିଧାନସଭା ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଭାରତୀୟ ନିର୍ବାଚନ ଆୟୋଗକଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ପର୍ଯ୍ୟାୟରେ ୪୦ଟି ବିଧାନସଭା ଆସନପାଇଁ ମତ ଗ୍ରହଣ କରାଯିବ । କୁପ୍ୱାଡ଼ା, ବାରମୁଲା, ବାନ୍ଦିପୋରା, ଉଦ୍ଧମପୁର, କାଠୁଆ, ଶାମ୍ବା ଏବଂ ଜମ୍ମୁ ଜିଲ୍ଲା ଅନ୍ତର୍ଗତ ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକ ପାଇଁ ଆସନ୍ତାମାସ ପହିଲାରେ ମତଦାନ ଅନୁଷ୍ଠିତ ହେବ । କାଶ୍ମୀର ଅଞ୍ଚଳରେ ୧୬ଟି ବିଧାନସଭା ମଣ୍ଡଳୀ ପାଇଁ ତୃତୀୟ ପର୍ଯ୍ୟାୟରେ ମତଗ୍ରହଣ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଆସନ୍ତା ୧୨ ତାରିଖକୁ ଧାର୍ଯ୍ୟ କରାଯାଇଛି । ୧୩ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ୧୭ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ସମୟସୀମା ସ୍ଥିର ହୋଇଛି । ଆସନ୍ତା ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୨୬ଟି ବିଧାନସଭା ଆସନପାଇଁ ହେବାକୁ ଥିବା ନିର୍ବାଚନର ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି ।

## ବାଂଲାଦେଶ - ନିର୍ବାଚନ ଆୟୋଗ

ବାଂଲାଦେଶର ପାଞ୍ଚଜଣିଆ ନିର୍ବାଚନ କମିଶନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟ ନିର୍ବାଚନ କମିଶନର କାଜି ହବିବୁଲ୍ ଆୱଲ୍ ଆଜି ଢାକାସ୍ଥିତ ନିର୍ବାଚନ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶର ସ୍ଥିତି ବଦଳି ଯାଇଥିବାରୁ ପାଞ୍ଚଜଣିଆ କମିଶନ୍ ଏହି ନିଷ୍ପତ୍ତି ନେଇଛନ୍ତି । ଇସ୍ତଫାପତ୍ର ନିର୍ବାଚନ ଆୟୋଗ ସଚିବଙ୍କୁ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍‌ଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇବାକୁ ସଚିବଙ୍କୁ ଅନୁରୋଧ କରାଯାଇଛି ।

## ସେଣ୍ଟର - ଓନିଅନ୍

ପିଆଜ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆଜି ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀ ଏବଂ ମୁମ୍ବାଇରେ ରିହାତି ଦରରେ ପିଆଜ ବିକ୍ରି ଆରମ୍ଭ କରିଛନ୍ତି । କିଲୋ ପିଛା ୩୫ ଟଙ୍କା ଦରରେ ଖୁଚୁରା ବଜାରରେ ପିଆଜ ବିକ୍ରି ହୋଇଛି । ଭ୍ରାମ୍ୟମାଣ ଗାଡ଼ି ଏବଂ ଜାତୀୟ ସମବାୟ ଉପଭୋକ୍ତା ସଂଘ ଭାରତ ଲିମିଟେଡ୍‌ର ଖୁଚୁରା ବିକ୍ରିୟ କେନ୍ଦ୍ର ମାଧ୍ୟମରେ ପିଆଜ ବିକ୍ରି କରାଯିବ । ଦିଲ୍ଲୀସ୍ଥିତ କୃଷିଭବନ, ଏନ୍.ସି.ୟୁ.ଆଇ. କେନ୍ଦ୍ର,

ରାଜୀବ ଚୌକ୍ ମେଟ୍ରୋ ଷ୍ଟେସନ୍, ପଟେଲ୍ ଚୌକ୍ ମେଟ୍ରୋ ଷ୍ଟେସନ୍, ସି.ଜି.ଓ., ନୋଏଡା ଏବଂ ଗାଜିଆବାଦ ସମେତ ୩୮ଟି ସ୍ଥାନରେ ଭ୍ରାମ୍ୟମାଣ ଗାଡ଼ି ମାଧ୍ୟମରେ ପିଆଜ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଦିଲ୍ଲୀର କୃଷିଭବନଠାରେ ଏକ ଭ୍ରାମ୍ୟମାଣ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଆଗାମୀ ଦିନରେ କୋଲ୍‌କାତା, ଭୁବନେଶ୍ୱର, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ, ଅହମ୍ମଦାବାଦ, ଗୁଆହାଟୀ ଏବଂ ରାୟପୁରରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ ସୂଚନା ଦେଇଚନ୍ତି ।

## ଆର୍ମି କମାଣ୍ଡର୍ ମିଟ୍

ସାମ୍ପ୍ରତିକ ଆନ୍ତର୍ଜାତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେକୌଣସି ଅପ୍ରତ୍ୟାଶିତ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପରାମର୍ଶ ଦେଇଛନ୍ତି । ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ ଯୁଗ୍ମ କମାଣ୍ଡର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଶାନ୍ତି ବଜାୟ ରଖିବାକୁ ହେଲେ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ । ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଥିବା ଦେଶଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ଆହ୍ୱାନ ଦେଇଛନ୍ତି ।

ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଏବଂ ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ନେଇ ସେ ଆଲୋଚନା କରିଥିଲେ । ଏକ ମଳିତ ସାମାରିକ ଦୃଷ୍ଟିକୋଣ ବିକଶିତ କରିବା ଏବଂ ଭବିଷ୍ୟତ ପରିସ୍ଥିତିପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ଦେଶର ସର୍ବୋଚ୍ଚ ସ୍ତରୀୟ ସାମରିକ ନେତୃତ୍ୱ ମିଳିତ ଭାବେ ଜାତୀୟ ନିରାପତ୍ତା ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ସଶକ୍ତ ଓ ସୁରକ୍ଷିତ ଭାରତ, ସଶସ୍ତ୍ର ବାହିନୀର ରୂପାନ୍ତର" । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଇ-ସଂଗ୍ରହାଳୟ ଏବଂ ଇ-ଗ୍ରନ୍ଥାଳୟ ସମେତ ୮ଟି ଅଭିନବ ଆପ୍‌ର ଉନ୍ମୋଚନ କରିଛନ୍ତି ।

## ଗୋୟଲ - ଉଦ୍ୟୋଗ ସମାଗମ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ବ୍ୟବସାୟ କରିବାରେ ସହଜତା ଦେଶକୁ ବିକଶିତ ପଥରେ ଆଗେଇ ନେବ । ନୂଆଦିଲ୍ଲୀରେ ଶ୍ରୀ ଗୋୟଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ୟୋଗ ସମାଗମ-୨୦୨୪ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଅନୁମୋଦନ ଏବଂ ସୁବିଧାପାଇଁ ଏକ ସମନ୍ୱିତ ପ୍ଲାଟ୍‌ଫର୍ମ ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜଟିଳ ପ୍ରକ୍ରିୟା ନିବେଶକଙ୍କ ମନୋବଳକୁ ବାଧା ପହଞ୍ଚାଇଥାଏ । ତେଣୁ ରାଜ୍ୟ ସରକାରମାନେ ରିହାତି

ପ୍ରଦାନ, ଜମି ଆବଣ୍ଟନ, ବ୍ୟବସାୟ ପାଇଁ ପ୍ରୋତ୍ସାହନ ଏବଂ କାଗଜପତ୍ର ପ୍ରସ୍ତୁତିକୁ ସରଳ କରି ଶିଳ୍ପ ଉଦ୍ୟୋଗକୁ ସହାୟତା ପ୍ରଦାନ କରିବା ଉଚିତ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି । ଏହି ଅବସରରେ ଶ୍ରୀ ଗୋୟଲ୍ ନିୟାମକ ଅନୁପାଳନ ପୁସ୍ତିକା ଉନ୍ମୋଚନ କରିବା ସହ ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରିଛନ୍ତି । ଏହି ସମ୍ମିଳନୀରେ ୧୬ଟି ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ମୁମ୍ବାଇ - ଆର୍.ବି.ଆଇ.

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, ଭାରତର ଅର୍ଥନୈତିକ ଅଭିବୃଦ୍ଧି ସଠିକ୍ ମାର୍ଗରେ ଗତି କରୁଛି । ୨୦୨୫ ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବ୍ୟାଙ୍କ୍‌ର ୭ ଦଶମିକ ୨ ପ୍ରତିଶତ ଜି.ଡି.ପି. ଅଭିବୃଦ୍ଧି ଆକଳନ ତଥ୍ୟଭିତ୍ତିକ ବୋଲି ସେ କହିଛନ୍ତି । ମୁମ୍ବାଇଠାରେ ଆୟୋଜିତ ବାର୍ଷିକ ଫିବାକ୍-୨୦୨୪ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଦାସ ଏହା କହିଛନ୍ତି । ସେ କହିଛନ୍ତି, ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ମଧ୍ୟରେ ଅନୁକୂଳ ସନ୍ତୁଳନ ରକ୍ଷାକରି ଭାରତର ଅର୍ଥନୀତି ଆଗକୁ ବଢୁଛି । ଦେଶରେ ଅର୍ଥନୈତିକ ଏବଂ ଆର୍ଥିକ ସ୍ଥିରତା ଲକ୍ଷ୍ୟ କରାଯାଉଛି । ସାମଗ୍ରିକ ଅଭିବୃଦ୍ଧିର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଦାସ କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ

ସାକାର ହେଲେ ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେବ ।

## ପାରା ଅଲିମ୍ପିକ୍ସ

ପ୍ୟାରିସ ପାରା ଅଲିମ୍ପିକ୍ସ ୨୦୨୪ ପ୍ରତିଯୋଗିତାର T12 ୧୦୦ ମିଟର ମହିଳା ଦୌଡ଼ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟକୁ ସିମ୍ରନ୍ ଉନ୍ନୀତ ହୋଇଛନ୍ତି । ସେହିଭଳି ତୀରଚାଳନା ପ୍ରତିଯୋଗିତାରେ ହର୍ବିନ୍ଦର ସିଂହ ଏବଂ ପୂଜା ଜାତ୍ୟାନ୍ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । J1 ପୁରୁଷ ୬୦ କିଲୋଗ୍ରାମ୍ ଜୁଡ଼ୋ ପ୍ରତିଯୋଗିତାରେ କପିଳ ପାରମାର ସେମିଫାଇନାଲ୍‌ରେ ଇରାନ୍‌ର ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି । ବନ୍ଧୁକଚାଳନା ପ୍ରତିଯୋଗିତାରେ ସିଦ୍ଧାର୍ଥ ବାବୁ ଏବଂ ମୋନା ଅଗ୍ରୱାଲ୍ ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

*****